# NATIONAL NEWS BULLETIN (ODIA)
## 26 December - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀ ଠାରେ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପ୍ରଦାନ କଲେ ରାଷ୍ଟ୍ରପତି ।

– ଯୁବ ସଶକ୍ତିକରଣକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି କେନ୍ଦ୍ର ସରକାର, କହିଲେ ପ୍ରଧାନମନ୍ତ୍ରୀ ।

- ସ୍ୱାମୀତ୍ୱ ଯୋଜନା ଅଧୀନରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ବଣ୍ଟନ କରିବେ ୫୦ ଲକ୍ଷରୁ ଅଧିକ ସମ୍ପତ୍ତିକାର୍ଡ଼ ।

- ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ ନେଇ ତିନୋଟି କୋଚିଂ ଅନୁଷ୍ଠାନକୁ ଜରିମାନା ନିର୍ଦ୍ଦେଶ ଦେଲେ କେନ୍ଦ୍ରୀୟ ଖାଉଟି ସୁରକ୍ଷା ଆୟୋଗ ।

ଏବଂ

- ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ।

# ପ୍ରେଜ୍-ବାଲ୍ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୭ଟି ବର୍ଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୧୭ ଜଣ ଶିଶୁଙ୍କୁ **ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର** ପ୍ରଦାନ କରିଛନ୍ତି। କଳା ଓ ସଂସ୍କୃତି, ସାହସିକତା, ଉଦ୍ଭାବନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସମାଜସେବା, କ୍ରୀଡ଼ା ଓ ପରିବେଶ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ଆସିଥିବା ଏହି ପିଲାମାନଙ୍କୁ ପୁରସ୍କୃତ କରାଯାଇଛି। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଗୋଟିଏ ପଦକ, ପ୍ରମାଣପତ୍ର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଆୟୋଜିତ ସଭାକୁ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୀର ବାଲ ଦିବସରେ ସାହିବଜାଦାଙ୍କୁ ଜଣାଇ ତାଙ୍କର ସାହସିକତା ଓ ବଳିଦାନର ସ୍ମୃତି ଚାରଣ କରିଥିଲେ। ଶିଖ୍ ମାନଙ୍କର ଦଶମ ଗୁରୁ ଗୁରୁ ଗୋବିନ୍ଦ ସିଂହଙ୍କ ସାନ ପୁତ୍ରଙ୍କ ଅତୁଳନୀୟ ତ୍ୟାଗ ଏବଂ ସାହସକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ ବୋଲି ସେ କହିଥିଲେ।

ପୁରସ୍କାର ପାଇଥିବା ପିଲାମାନଙ୍କୁ ଅଭିନନ୍ଦନ ଜଣାଇ ରାଷ୍ଟ୍ରପତି କହିଥିଲେ ଯେ ସେମାନଙ୍କ କାର୍ଯ୍ୟ ଅସାଧାରଣ ଏବଂ ଆଶ୍ଚର୍ଯ୍ୟଜନକ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଅତୁଳନୀୟ ଗୁଣ ରହିଛି ଏବଂ ସେମାନଙ୍କର ସଫଳତା ଦେଶର ସମସ୍ତ ନାଗରିକଙ୍କୁ ପ୍ରେରଣା ଯୋଗାଇବ

ବୋଲି ସେ କହିଥିଲେ। ସମସ୍ତ ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ମାଧ୍ୟମରେ ବ୍ୟାପକ ଭାବେ ଏହି ଉପଲବ୍ଧିଗୁଡ଼ିକୁ ଜଣାଇବାକୁ ରାଷ୍ଟ୍ରପତି ସମସ୍ତଙ୍କୁ ଅନୁରୋଧ କରିଥିଲେ।

## ପିଏମ୍-ବୀର୍ ବାଲ୍ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁବଶକ୍ତି କାରଣରୁ ସମଗ୍ର ବିଶ୍ୱର ଭାରତ ପ୍ରତି ଆଶା ଓ ସମ୍ଭାବନା ରହିଛି । ନୂଆଦିଲ୍ଲୀରେ ଭାରତ ମଣ୍ଡପମ ଠାରେ ଆୟୋଜିତ ବୀର୍ ବାଲ୍ ଦିବସ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ନୀତିରେ ଯୁବ ସଶକ୍ତିକରଣକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଷ୍ଟାର୍ଟ୍ ଅପ୍ ଇକୋ ସିଷ୍ଟମ୍, ମହାକାଶ ଅର୍ଥନୀତି, କ୍ରୀଡ଼ା, ଶିଳ୍ପ, ଦକ୍ଷତା ବିକାଶ ଆଦି ସମସ୍ତ କାର୍ଯ୍ୟକ୍ରମକୁ ଯୁବ କୈନ୍ଦ୍ରୀକ କରାଯାଇଛି । ଯୁବଗୋଷ୍ଠୀକୁ ସହାୟତା ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଷ୍ଟାର୍ଟ୍ ଅପ୍‌ରୁ ବିଜ୍ଞାନ, କ୍ରୀଡ଼ାରୁ ଉଦ୍ୟୋଗ ଆଦି ସବୁ କ୍ଷେତ୍ରରେ ଯୁବଶକ୍ତି ନୂତନ ସଂସ୍କାର ମୂଳକ ଦିଗରେ ଆଗେଇ ଚାଲିଛି । ଯୁବଗୋଷ୍ଠୀ ମଧ୍ୟରେ ନବସୃଜନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଅଟଳ ଲାବ୍ରୋଟାରୀ ସ୍ଥାପନ କରାଯାଇଛି ବୋଲି ଶ୍ରୀ

ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଗଣତନ୍ତ୍ର' ଗୁରୁ ଶିକ୍ଷା, ସାହିବଜାଦାଙ୍କ ତ୍ୟାଗ ଓ ବଳିଦାନ ଏବଂ ଜାତୀୟ ଏକତାର ମନ୍ତ୍ର ଉପରେ ପର୍ଯ୍ୟବେଶିତ । ସେ କହିଛନ୍ତି, ସାହିବଜାଦାଙ୍କ ଜୀବନାଦର୍ଶ ଦେଶର ଅଖଣ୍ଡତା ଓ ନୀତି ଏବଂ ଆଦର୍ଶରେ ବୁଝାମଣା ନ କରିବା ଲାଗି ଜନସାଧାରଣଙ୍କୁ ଶିକ୍ଷା ପ୍ରଦାନ କରିଥାଏ । ସାହିବଜାଦାଙ୍କ ଜୀବନାଦର୍ଶ ବଳୀଦାନ ଉପରେ ବିଶ୍ୱାସ କରେ କିନ୍ତୁ ବିଶ୍ୱାସର ପଥରୁ ଦୂରେଇ ନ ଯିବା ଲାଗି ଶିକ୍ଷା ଦେଇଥାଏ ବୋଲି ଶ୍ରୀ ମୋଦୀ କହିଛନ୍ତି । ଜାତି ଏବଂ ଦେଶର ସ୍ୱାର୍ଥ ଠାରୁ କିଛି ବୃହତର ନୁହେଁ ବୋଲି ବୀର ବାଲ୍ ଦିବସ ସମସ୍ତଙ୍କୁ ଶିକ୍ଷା ଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ।

ସକ୍ରିୟ ରାଜନୀତିରେ କେବେବି ଅଂଶଗ୍ରହଣ କରିନଥିବା ପରିବାରର ଏକ ଲକ୍ଷ ଯୁବକଙ୍କୁ ରାଜନୀତିରେ ଆଣିବା ଲାଗି ତାଙ୍କର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି । ଏହା ଆଗାମୀ ୨୫ ବର୍ଷ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ । ନୂତନ ଯୁବପିଢ଼ୀକୁ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବା ଲାଗି ଏହା ପ୍ରୋତ୍ସାହିତ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ଆସନ୍ତା ବର୍ଷ ପ୍ରାରମ୍ଭରେ ବିକଶିତ ଭାରତ ଯୁବନେତା ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶ୍ରୀ ମୋଦୀ ଘୋଷଣା କରିଛନ୍ତି । ଦେଶର ବିଭିନ୍ନ ଗ୍ରାମ, ସହର ଓ ନଗରର ଯୁବଗୋଷ୍ଠୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଏବଂ

ବିକଶିତ ଭାରତ ଗଠନ ଲାଗି ରୋଡ୍ ମ୍ୟାପ୍ ପ୍ରସ୍ତୁତ ସମ୍ପର୍କରେ ଆଲୋଚନା କରିବେ ।

## ପ୍ରପଟି କାର୍ଡସ୍ ଅଣ୍ଡର ସ୍ୱାମୀତ୍ୱ ସ୍କିମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ସ୍ୱାମୀତ୍ୱ ଯୋଜନା ଅଧୀନରେ ୫୦ ଲକ୍ଷରୁ ଅଧିକ ସମ୍ପତ୍ତି କାର୍ଡ଼ ବଣ୍ଟନ କରିବେ । ଓଡ଼ିଶା ସମେତ ୧୦ଟି ରାଜ୍ୟ ଏବଂ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳର ୨୦୦ଟି ଜିଲ୍ଲାର ୪୬ରୁ ଅଧିକ ଗ୍ରାମର ଗ୍ରାମବାସୀଙ୍କୁ ଏହି କାର୍ଡ଼ ବଣ୍ଟା ଯିବାକୁ ଲକ୍ଷ୍ୟ ରଖାଯାଇଛି । ଏ ପର୍ଯ୍ୟନ୍ତ ପ୍ରାୟ ଦେଢ଼ ଲକ୍ଷ ଗ୍ରାମର ଗ୍ରାମବାସୀଙ୍କ ପାଇଁ ଦୁଇ କୋଟି ୨୦ ଲକ୍ଷରୁ ଅଧିକ ସମ୍ପତ୍ତି କାର୍ଡ଼ ପ୍ରସ୍ତୁତ କରାଯାଇସାରିଛି । ଗ୍ରାମବାସୀଙ୍କୁ ଭୂସମ୍ପତ୍ତି ଅଧିକାର ସଂକ୍ରାନ୍ତ ନଥିପତ୍ର ପ୍ରଦାନ କରି ଗ୍ରାମୀଣ ଅର୍ଥନୀତିକୁ ତ୍ୱରାନ୍ୱିତ କରିବା  ସ୍ୱାମୀତ୍ୱ ଯୋଜନାର ମୂଳ ଲକ୍ଷ୍ୟ । ତ୍ରିପୁରା, ଗୋଆ, ଉତ୍ତରାଖଣ୍ଡ ଏବଂ ହରିଆଣାରେ ଏହି ଯୋଜନା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇଛି ।

## ସିସିପିଏ-ପେନାଲ୍ଟି

କେନ୍ଦ୍ରୀୟ ଲୋକସେବା ଆୟୋଗ ପରୀକ୍ଷା ୨୦୨୨-୨୩ର ଫଳାଫଳକୁ ନେଇ ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରିଥିବାରୁ ତିନୋଟି କୋଚିଂ ଅନୁଷ୍ଠାନକୁ କେନ୍ଦ୍ରୀୟ ଖାଉଟି ସୁରକ୍ଷା ଆୟୋଗ ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦୁଇଟି ଅନୁଷ୍ଠାନକୁ ୭ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଧାର୍ଯ୍ୟ ହୋଇଥିବା ବେଳେ ଅନ୍ୟ ଏକ ଅନୁଷ୍ଠାନ ଉପରେ ୧ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ ହୋଇଛି । ଏଭଳି ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶନକୁ ତୁରନ୍ତ ବନ୍ଦ କରିବାକୁ ଖାଉଟି ସୁରକ୍ଷା ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷା ଏବଂ ପ୍ରୋତ୍ସାହନକୁ ସୁନିଶ୍ଚିତ କରିବା ପାଇଁ ଆୟୋଗଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି ।

## ଇସିଆଇ-ରିପୋର୍ଟ୍

ନିର୍ବାଚନ କମିଶନ୍ କହିଛି, ୨୦୨୪ ଲୋକସଭା ନିର୍ବାଚନରେ ୬୪ କୋଟି ୬୪ ଲକ୍ଷ ମତଦାନ ହୋଇଥିଲା । ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ୬୫ ଦଶମିକ୍ ୭/୮ ପ୍ରତିଶତ ଅଧିକ ରହିଥିବା ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ୪୨ଟି ପରିସଂଖ୍ୟାନ ରିପୋର୍ଟକୁ ଆଧାର କରାଯାଇ ଏହି ତଥ୍ୟ ପ୍ରଦାନ

କରାଯାଇଛି । ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଏବଂ ସିକ୍କିମ୍‌ରେ ହୋଇଥିବା ବିଧାନସଭା ନିର୍ବାଚନରୁ ୧୪ଟି ପରିସଂଖ୍ୟାନ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ଲୋକସଭା ନିର୍ବାଚନ ୨୦୨୪ ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ତୃତୀୟଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୨୩ ଦଶମିକ୍ ୫ ପ୍ରତିଶତ ବୃଦ୍ଧି ଘଟିଥିବା ଜଣାଯାଇଛି । ୨୦୧୯ ମସିହାରେ ଏହି ଭୋଟରଙ୍କ ସଂଖ୍ୟା ୧୪ ଦଶମିକ୍ ୬/୪ ପ୍ରତିଶତ ଥିବା ବେଳେ ୨୦୨୪ ମସିହାରେ ଏହି ସଂଖ୍ୟା ୨୭ ଦଶମିକ୍ ୦/୯ ପ୍ରତିଶତକୁ ବୃଦ୍ଧି ପାଇଛି ।

ସେହିପରି ୨୦୨୪ ସାଧାରଣ ନିର୍ବାଚନରେ ୪୦ଟି ଭୋଟ ଗ୍ରହଣ କେନ୍ଦ୍ରରେ ପୁନଃ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୨୦୧୯ ମସିହାରେ ଏହି ସଂଖ୍ୟା ୫୪୦ ରହିଥିଲା । ଆୟୋଗଙ୍କ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଭାରତର ନିର୍ବାଚନ ବ୍ୟବସ୍ଥାରେ ଉନ୍ନତି ଏବଂ ଜନସାଧାରଣଙ୍କ ବିଶ୍ୱାସ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଏହି ତଥ୍ୟ ଭୋଟ୍ ଗ୍ରହଣରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ, ବିଶେଷ କରି ଶିକ୍ଷାବିତ୍, ଗବେଷକ ଏବଂ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ପାଇଁ ଉପାଦେୟ ହେବ ବୋଲି ନିର୍ବାଚନ ଆୟୋଗ ପକ୍ଷରୁ କୁହାଯାଇଛି ।

# ସୁନାମି ମେମୋରିଆଲ୍ ଡେ

ପୁଡୁଚେରୀ ଏବଂ କରାଇକାଲ୍‌ର ବିଭିନ୍ନ ସ୍ଥାନରେ ଆଜି ବିଂଶତମ ସୁନାମି ସ୍ମାରକୀ ଦିବସ ପାଳିତ ହେଉଛି । ଉପରାଜ୍ୟପାଳ କେ. କୈଳାସନାଥନ ଏବଂ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀଙ୍କ ଅଧ୍ୟକ୍ଷତାରେ ବିଚ୍ ରୋଡ୍ ସ୍ଥିତ ଗାନ୍ଧି ପ୍ରତିମୂର୍ତ୍ତି ନିକଟରେ ସ୍ମାରକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୨୦୦୪ ମସିହା ଡିସେମ୍ବର ୨୬ ତାରିଖରେ ଦକ୍ଷିଣ ଭାରତ ଉପକୂଳରେ ହୋଇଥିବା ଏହି ବଡ଼ଧରଣର ସୁନାମିରେ ବହୁ ସଂଖ୍ୟାରେ ଲୋକ ପ୍ରାଣ ହରାଇଥିଲେ । ସେମାନଙ୍କ ଉଦ୍ଦେଶ୍ୟରେ ଆଜି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ସମୁଦ୍ର ମଧ୍ୟକୁ ଲୋକମାନେ କ୍ଷୀର ଏବଂ ପୁଷ୍ପ ଅର୍ପଣ କରିଥିଲେ । ସୁନାମିରେ ତାମିଲନାଡୁ, ପୁଡୁଚେରୀ, ଆନ୍ଧ୍ରପ୍ରଦେଶ ଏବଂ କେରଳର ବହୁ କ୍ଷୟକ୍ଷତି ଘଟିଥିଲା । ପୁଡୁଚେରୀରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିବା ସହ ହଜାର ହଜାର ଲୋକ ବାସଚ୍ୟୁତ ହୋଇଥିଲେ ।

# ଏଚ୍‌ସି-ବିଏସ୍‌ଏଫ୍

ସୀମାସୁରକ୍ଷା ବଳରେ ୩୦ ବର୍ଷ ଚାକିରି ସମ୍ପନ୍ନ କରିଥିବା କର୍ମଚାରୀଙ୍କୁ ସଂଶୋଧିତ ନିଶ୍ଚିତ କ୍ୟାରିୟର୍ ପ୍ରୋଗ୍ରେସନ୍ ଯୋଜନା ଲାଗୁ

କରିବାକୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏମ୍.ଏ.ସି.ପି. ଯୋଜନା ଅଧୀନରେ ସେହି କର୍ମଚାରୀଙ୍କୁ ତୃତୀୟ ଆର୍ଥିକ ଉନ୍ନିତ ସ୍ତର ପ୍ରଦାନ କରିବୋକୁ ବି.ଏସ୍.ଏଫ୍.କୁ ନିର୍ଦ୍ଦେଶ ଦେଇଛନ୍ତି । ବି.ଏସ୍.ଏଫ୍.ରୁ ଅବସରପ୍ରାପ୍ତ ଯବାନଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନରେ ପେନସନ୍ ନିର୍ଦ୍ଧାରଣରେ ଏମ୍.ଏ.ସି.ପି. ଯୋଜନା ଅଧିନସ୍ଥ ତୃତୀୟ ଆର୍ଥିକ ଉନ୍ନିତ ସ୍ତର ଲାଗୁ କରିବା ନେଇ ପ୍ରାର୍ଥନ କରାଯାଇଛି । ଏପରିକି ୬୦ ବର୍ଷ ହେବା ପୂର୍ବରୁ ବି.ଏସ୍.ଏଫ୍. କ୍ୟାଡରରେ ୩୦ ବର୍ଷ ଚାକିରି କରିଥିବା କର୍ମଚାରୀଙ୍କୁ ଏଥିରେ ସାମିଲ କରିବାକୁ ମଧ୍ୟ ସେମାନେ ତାଙ୍କ ଆବେଦନପତ୍ରରେ ଉଲ୍ଲେଖ କରିଛନ୍ତି ।

ସୂଚନା ଯୋଗ୍ୟ ଅନ୍ୟ ଏକ ମାମଲାରେ ୨୦୧୯ ମସିହାରେ ଦିଲ୍ଲୀ ହାଇକୋର୍ଟ୍ ଭିନ୍ନ ଭିନ୍ନ ପଦବୀରେ ଦୁଇଟି ଅଲଗା ଅବସର ବୟସ ନିର୍ଦ୍ଧାରଣ ଭେଦଭାବପୂର୍ଣ୍ଣ ଏବଂ ଅସାମ୍ବିଧାନିକ ବୋଲି କହିଥିଲେ । ସେହି ମାମଲାରେ ୪ ମାସ ମଧ୍ୟରେ ସମସ୍ତ ସି.ଆର୍.ପି.ଏଫ୍. କର୍ମଚାରୀଙ୍କ ଅବସର ବୟସସୀମା ସମାନ ଭାବେ ଧାର୍ଯ୍ୟ କରିବାକୁ କୋର୍ଟ୍ ନିର୍ଦ୍ଦେଶ ଦେଇଥିଲେ ।

# ଓଡ଼ିଶା ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ସଂସ୍କରଣ ରାଉରକେଲା ଠାରେ ଆସନ୍ତାକାଲି ଆରମ୍ଭ ହେବ । ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଠାରେ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ଏବଂ ଗୋନାସିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ । ହକି ଇଣ୍ଡିଆ ଲିଗ୍ ଟୁର୍ଣ୍ଣାମେଣ୍ଟ ପାଇଁ ଇତିମଧ୍ୟରେ ୭ଟି ଦଳ ରାଉରକେଲା ଠାରେ ପହଞ୍ଚିଛନ୍ତି । ପୁରୁଷ ହକି ଲିଗ୍ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ଚଳିତ ମାସ ୨୮ ତାରିଖ ତାରିଖରୁ ଆସନ୍ତା ମାସ ୧୮ ତାରିଖ ପର୍ଯ୍ୟନ୍ତ ହେବ । ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ମାସ ୧୯ ତାରିଖରୁ ଆରମ୍ଭ ହେବ । ଏଥିରେ ଦଳକୁ ଦୁଇଟି ପୁଲ୍‌ରେ ବିଭକ୍ତ କରାଯାଇଛି । ମନୋନୀତ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ୍‌କୁ ଉନ୍ନିତ ହେବେ । ସେମିଫାଇନାଲ୍ ମ୍ୟାଚ୍ ଆସନ୍ତା ମାସ ୩୧ ତାରିଖରେ ଅନୁଷ୍ଠିତ ହେବ । ରାଞ୍ଚି ଠାରେ ୪ଟି ମ୍ୟାଚ୍ ହେବାକୁ ଥିବା ବେଳେ ରାଉରକେଲାରେ ଅନ୍ୟ ସମସ୍ତ ଖେଳ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ହକି ଇଣ୍ଡିଆ ଲିଗ୍‌ର ଫାଇନାଲ୍ ମ୍ୟାଚ୍ ଆସନ୍ତା ଫେବୃୟାରୀ ପହିଲାରେ ଅନୁଷ୍ଠିତ ହେବ ।

# କ୍ରିକେଟ୍ : ଇଣ୍ଡିଆ-ଅଷ୍ଟ୍ରେଲିଆ

ବ୍ରିସ୍‌ବେନ୍‌ରେ ଆଜି ଆରମ୍ଭ ହୋଇଥିବା ବର୍ଡ଼ର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟର ପ୍ରଥମଦିନର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୬ ଓ୍ୱିକେଟ ହରାଇ ୩୧୧ ରନ୍ କରିଛି । ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ଅଷ୍ଟ୍ରେଲିଆର ମାର୍ନେସ୍ ଲାବୁ ସାନେ ସର୍ବାଧିକ ୭୨ ରନ୍ ସ୍କୋର କରିଥିବା ବେଳେ ଷ୍ଟିଭେନ୍ ସ୍ମିଥ୍ ୬୮ ଓ ସାମ୍ କୋନ୍‌ଷ୍ଟାସ୍ ୬୦ ରନ୍ ସ୍କୋର କରିଛନ୍ତି । ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍‌ରା ସର୍ବାଧିକ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ଆକାଶଦୀପ୍, ରବୀନ୍ଦ୍ର ଜାଡେଜା ଓ ଓ୍ୱାଶିଂଟନ୍ ସୁନ୍ଦର ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଛନ୍ତି ।

୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିବା ବେଳେ ତୃତୀୟ ଟେଷ୍ଟ ଡ୍ର ରହିଥିଲା ।